m.sambadepaper.com

SAMBAD
ସମ୍ବାଦ

# ସାଲେପୁର କଲେଜରେ ଜେନେରାଲ୍ ବିପିନ୍ ରାୱତଙ୍କୁ ଶ୍ରଦ୍ଧାଞ୍ଜଳି




ସାଲେପୁର, ୧୧।୧୨ (ଇମିସ): ହେଲିକପ୍ଟର ଦୁର୍ଘଟଣାରେ ଭାରତର ପ୍ରଥମ ସିଡିଏସ୍ ଜେନେରାଲ ବିପିନ୍ ରାୱତ୍ ଓ ଓଡ଼ିଆ ପୁଅ ଜୁନିୟର ୱାରେଣ୍ଟ ଅଫିସର ରାଣାପ୍ରତାପ ଦାସଙ୍କ ବିୟୋଗରେ ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ଡକ୍ଟର ସଙ୍ଗୀତା ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ନିରବ ପ୍ରାର୍ଥନା କରାଯାଇଥିଲା। ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ମନୋରଂଜନ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଜେନାରାଲ୍ ରାୱତ୍‌ଙ୍କ ବିୟୋଗ ଦେଶ ପାଇଁ ଅପୂରଣୀୟ କ୍ଷତି ବୋଲି କହିଥିଲେ। ଏହି ଅବସରରେ ଏନ୍‌ସିସି ଓ ରେଞ୍ଜର ରୋଭର୍ ବିଭାଗର ଛାତ୍ରଛାତ୍ରୀ ମହମବତି ଶୋଭାଯାତ୍ରାରେ ଅଞ୍ଚଳ ପରିକ୍ରମା କରିଥିଲେ। ଏନ୍‌ସିସି ଅଧିକାରୀ ମେଜର ପ୍ରଭାସିନୀ ଦେବୀ ଓ ଲେଫ୍ଟନାଣ୍ଟ ଜୀବନଜ୍ୟୋତି ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ରେଞ୍ଜର୍ ଓ ରୋଭର୍ ବିଭାଗର ଅଧିକାରୀ ସ୍ୱାତୀମୁକ୍ତା ଷଡ଼ଙ୍ଗୀ ପରିଚାଳନା କରିଥିଲେ। ପ୍ରାଧ୍ୟାପକ ସୁଶାନ୍ତ କୁମାର ନାୟକ, ଭକ୍ତିପଦ ମିଶ୍ର, କିରାଣି ସଞ୍ଜୟ କୁମାର ନାୟକ, ସୁଜିତ୍ ଶତପଥୀ, ଅଶ୍ୱିନୀ କୁମାର ଭୂୟାଁ, ରୋଜାଲିନୀ ସାହୁ, ସୌମ୍ୟା ପରୱିନ୍, ବସନ୍ତ କୁମାର ଲେଙ୍କା, ପ୍ରାଚୀସ୍ମିତା ପୁହାଣ, ପ୍ରଜ୍ଞାରାଣୀ ବିଶ୍ୱାଳଙ୍କ ସମେତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।